# NATIONAL NEWS BULLETIN (ODIA)

## 4 April - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିହାରର ଜାମୁଇରେ ଏକ ର୍‍ୟାଲିକୁ ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ସମ୍ବୋଧିତ କରିଛନ୍ତି ।
- ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଦଳର ନିର୍ବାଚନ ଇସ୍ତାହାର କମିଟି ବୈଠକ ଚାଲିଛି ।
- ଜମ୍ମୁ କାଶ୍ମୀରରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ୨୬ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ।
- ମୁମ୍ବାଇ ସ୍ଥିତ ଆଇ.ଆଇ.ଟି.ରେ ପ୍ରଥମ ସ୍ୱଦେଶୀ ମେଡ୍ ଇନ୍ ଇଣ୍ଡିଆ' **CAR-T** ଥେରାପିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

ଏବଂ

- ଆଜିର ଆଇପିଏଲର୍ ମ୍ୟାଚ୍‌ରେ କିଛି ସମୟ ପରେ ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ ।

# ପିଏମ୍-ର୍ୟାଲି

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଏନ୍‌ଡିଏ ସରକାର ସବୁ ପ୍ରକାରର ପ୍ରୟାସ କରୁଛନ୍ତି । ବିହାରର ଜାମୁଇରେ ଏକ ରାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଭାରତକୁ ବିକଶିତ କରିବା ପାଇଁ ୨୦୨୪ ଲୋକସଭା ନିର୍ବାଚନ ହେଉଛି । ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଯାନକୁ ସଫଳତାର ସହ ଅବତରଣ କରାଇବାରେ ଭାରତ ପ୍ରଥମ ଦେଶ ହୋଇଛି। ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ସେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଅଧୀନରେ ଭାରତ ମଗଧ ସାମ୍ରାଜ୍ୟର ପ୍ରାଚୀନ ଗୌରବକୁ ପୁନର୍ଜୀବିତ କରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କୁ ଜବାବ ଦେବା ଆରମ୍ଭ କରିଛି।

ପ୍ରଧାନମନ୍ତ୍ରୀ ଆର୍.ଜେ.ଡି. ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କୁ ଚାକିରି, ଜମି ଦୁର୍ନୀତି ପାଇଁ ଅଭିଯୁକ୍ତ ଦର୍ଶାଯାଇଥିବା କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଏନ୍.ଡି.ଏ. ଦେଶକୁ ସୁଦୃଢ଼ କରିଛି କିନ୍ତୁ କଂଗ୍ରେସ ଶାସନ କାଳରେ ଭାରତର ବିଶ୍ୱ ଭାବମୂର୍ତ୍ତି ଦୁର୍ବଳ ଥିଲା ବୋଲି ସେ କହିଛନ୍ତି।

ନିର୍ଣ୍ଣାୟକ ନୀତି ଯୋଗୁଁ ଦେଶର ଶକ୍ତି ବିଶ୍ୱ ଦରବାରରେ ପୁନଃସ୍ଥାପିତ ହୋଇଛି ବୋଲି ସେ କହିଛନ୍ତି। ତାଙ୍କ ସରକାର ଅଯୋଧ୍ୟାରେ ପବିତ୍ର ରାମ ମନ୍ଦିର ନିର୍ମାଣ କରି ଭକ୍ତଙ୍କ ୫୦୦ ବର୍ଷ ପୁରୁଣା ସ୍ୱପ୍ନକୁ ପୂରଣ କରିଛି ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଜନନାୟକ କରପୂରୀ ଠାକୁରଙ୍କୁ ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରି ବିହାରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ଏନ୍.ଡି.ଏ. ସରକାର ପୂରଣ କରିଥିବା ନେଇ ତାଙ୍କ ଅଭିଭାଷଣ ରଖିଛନ୍ତି । ଶ୍ରୀ ମୋଦୀ ଲୋକଜନଶକ୍ତି ପାର୍ଟି (ରାମବିଳାଶ) ଦଳର ଅରୁଣ ଭାରତୀଙ୍କ ପାଇଁ ଆଜି ପ୍ରଚାର କରିଛନ୍ତି ।

ଏହି ପ୍ରଚାର ଅଭିଯାନରେ ଜେ.ଡି.ୟୁ. ସଭାପତି ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ବିଜେପି ନେତା ସମ୍ରାଟ ଚୌଧୁରୀ, ବିଜୟ କୁମାର ସିହ୍ନା, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ସଭାପତି ଚିରାଗ ପାସୱାନ, ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ମୁଖ୍ୟ ଉପେନ୍ଦ୍ର କୁଶୱାହା ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚାର ନେତାମାନେ ଉପସ୍ଥିତ ଥିଲେ । ଚିରାଗ ପାଶୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଲଗାତାର ତୃତୀୟ ଥର ପାଇଁ ଜାମୁଇ ଆସନରୁ ନିର୍ବାଚନ ଲଢୁଛି।

# ବିଜେପି-ମିଟିଂ

ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଦଳର ନିର୍ବାଚନୀ ଇସ୍ତାହାର କମିଟି ବୈଠକ ଚାଲିଛି । ଏହି କମିଟି ଆଗାମୀ ଲୋକସଭା ନିର୍ବାଚନ ପାଇଁ ଦଳର ଇସ୍ତାହାର ଚୂଡ଼ାନ୍ତ କରିବ। ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ୨୭ ଜଣିଆ କମିଟିର ଏହା ହେଉଛି ଦ୍ୱିତୀୟ ବୈଠକ। ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ, ଅଶ୍ୱିନୀ ବୈଷ୍ଣବ, କିରଣ ରିଜିଜୁ ଏବଂ ଅନ୍ୟମାନେ ଏହି ବୈଠକରେ ଯୋଗ ଦେଇଛନ୍ତି ।

ଅପର ପକ୍ଷରେ କଂଗ୍ରେସ ଆସନ୍ତାକାଲି ନିର୍ବାଚନୀ ଇସ୍ତାହାର ଘୋଷଣା କରିବ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ବରିଷ୍ଠ ନେତା ରାହୁଲ ଗାନ୍ଧି ଏହାକୁ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି ।

# ଜାମ୍ମୁ-ନୋମିନେସନ୍

ଜମ୍ମୁ-କଶ୍ମୀରରେ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୫ଟି ଜମ୍ମୁ ଲୋକସଭା ଆସନ ପାଇଁ ୨୬ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ୫ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ଜମ୍ମୁ, ସାମ୍ବା ଏବଂ ରିଆସୀ ଭଳି ତିନୋଟି ଜିଲ୍ଲା

ରହିଛି ଯେଉଁଥିରେ ୧୭ଲକ୍ଷ ୬୭ ହଜାର ୮୩୭ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୯ଲକ୍ଷ ୧୫ହଜାର ୧୦ ଜଣ ପୁରୁଷ ଏବଂ ୮ଲକ୍ଷ ୫୨ ହଜାର ୭୯୬ ଜଣ ମହିଳା ଭୋଟର ଥିବା ବେଳେ ୧୮ ଜଣ ଅଲଗା ବର୍ଗର ଭୋଟର ଅଛନ୍ତି । ଏହି ଲୋକସଭା ଗୁଡ଼ିକରେ ୧୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଥିବା ବେଳେ ୨ହଜାର ୪୧୬ଟି ମତଦାନ କେନ୍ଦ୍ର ରହିଛି ।

ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ, ଜମ୍ମୁରେ ଥିବା ୫ଟି ଲୋକସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀମାନେ ଆଜି ଶେଷ ଦିନରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଆସନ୍ତା ୬ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ ଏବଂ ୮ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି ।

## ସିପିଆଇଏମ୍

ନୂଆଦିଲ୍ଲୀରେ ସି.ପି.ଆଇ.(ଏମ୍) ଆଜି ତାର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛି । ଅତି ଧନୀଙ୍କ ଉପରେ ଟିକସ ଲଗାଇବା, ସାଧାରଣ ସମ୍ପତ୍ତି ଟିକସ ଓ ଉତ୍ତରାଧିକାରୀ ଟିକସ ସଂକ୍ରାନ୍ତ ଆଇନ ସହ ଘରୋଇ କ୍ଷେତ୍ରରେ ସଂରକ୍ଷଣ, ନିର୍ବାଚନ ପାଇଁ ରାଜ୍ୟ ପାଣ୍ଠି ଏବଂ ରାଜନୈତିକ

ଦଳଗୁଡ଼ିକୁ କର୍ପୋରେଟ୍ ଚାନ୍ଦା ଉପରେ ପ୍ରତିବନ୍ଧକ ଲଗାଇବା ଆଦି ପ୍ରସଙ୍ଗ ସି.ପି.ଆଇ.(ଏମ୍) ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିଛି । ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ଏବଂ ମନି ଲଣ୍ଡରିଂ ନିବାରଣ ଆଇନକୁ ଉଚ୍ଛେଦ କରିବାକୁ ମଧ୍ୟ ଦଳ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି ।

ଦଳର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ପଲିଟ୍ ବୁରୋ ସଦସ୍ୟ ପ୍ରକାଶ କରତ, ବୃନ୍ଦା କରତ, ନୀଲୋତ୍ପାଲ ବସୁ ଏବଂ ତପନ ସେନଙ୍କ ଉପସ୍ଥିତିରେ ଏହି ଇସ୍ତାହାର ଘୋଷଣା ହୋଇଛି । ଏହି ଅବସରରେ ଶ୍ରୀ ୟେଚୁରୀ କହିଛନ୍ତି, ତାଙ୍କ ଦଳ ଦେଶରେ ଗଣତନ୍ତ୍ର ଓ ଧର୍ମନିରପେକ୍ଷତାକୁ ଆହୁରି ସୁଦୃଢ଼ କରିବ । ଲୋକସଭା ନିର୍ବାଚନରେ ଶାସକ ବିଜେପି ଓ ଏହାର ସହଯୋଗୀ ଦଳକୁ ପରାସ୍ତ କରି କେନ୍ଦ୍ରରେ ଏକ ବିକଳ୍ପ ସରକାର ଗଠନ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ପେଜ୍-ମୁମ୍ବାଇ ଭିଜିଟ୍

ମୁମ୍ବାଇ ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ସ୍ୱଦେଶୀ 'ମେଡ୍ ଇନ୍ ଇଣ୍ଡିଆ' **CAR-T** ଥେରାପିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ସ୍ୱଳ୍ପ ମୂଲ୍ୟ ଏବଂ ସୁବିଧାରେ **CAR-T** ସେଲ୍ ଥେରାପି’ ଚିକିତ୍ସା ସମଗ୍ର ମାନବଜାତି ପାଇଁ ଏକ ନୂତନ ଆଶା ସୃଷ୍ଟି କରିଛି। ଦେଶର ପ୍ରଥମ ଜିନ୍ ଥେରାପି ଅଗଣିତ ରୋଗୀଙ୍କୁ ନୂଆ ଜୀବନ ଦେବାରେ ସଫଳ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଏହି ନୂତନ ପଦ୍ଧତିର ଚିକିତ୍ସା ଭାରତକୁ ଉନ୍ନତ ଚିକିତ୍ସା ସେବାର ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେବ ।

ଏହି ଅବସରରେ ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବାଇସ୍ କହିଛନ୍ତି, **CAR-T** ସେଲ୍ ଥେରାପି କେବଳ ବୟସ୍କ କର୍କଟ ରୋଗୀଙ୍କ ପାଇଁ ନୁହେଁ ବରଂ କର୍କଟରେ ଆକ୍ରାନ୍ତ ଶିଶୁ ମାନଙ୍କ  ପାଇଁ ଏକ ବରଦାନ ସାବ୍ୟସ୍ତ ହେବ। ଏହି କାର୍ଯ୍ୟକ୍ରମରେ ଆଇ.ଆଇ.ଟି. ବମ୍ବେର ନିର୍ଦ୍ଦେଶକ ପ୍ରଫେସର ଶୁଭାଶିଷ ଚୌଧୁରୀ, ଟାଟା ମେମୋରିଆଲ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ସୁଦୀପ ଗୁପ୍ତାଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗନ୍ୟ ଉପସ୍ଥିତ ଥିଲେ।

## ସିବିଡିଟି

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଟିକସଦାତାଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଚଳିତ ଏପ୍ରିଲ ପହିଲାରୁ ଆୟକର ଦାଖଲ କରିବାର ବ୍ୟବସ୍ଥା କରିଛି।

ଇ-ଫାଇଲିଂ ପୋର୍ଟାଲ ଜରିଆରେ ଟିକସଦାତାମାନେ ଆୟକର ଦାଖଲ କରିପାରିବେ । କଂପାନିଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ଆୟକର ପ୍ରଦାନ କରିବେ । ସିବିଡିଟି କହିଛି, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୩ ହଜାର ଆୟକର ଦାଖଲ ହୋଇସାରିଛି । ନିକଟ ଅତୀତରେ ପ୍ରଥମ ଥର ପାଇଁ ଆୟକର ବିଭାଗ ଟିକସଦାତାଙ୍କୁ ନୂଆ ଆର୍ଥିକ ବର୍ଷର ପ୍ରଥମ ଦିନରେ ଆୟକର ଦାଖଲ କରିବାକୁ ବ୍ୟବସ୍ଥା କରିଛି। ଏହି ବ୍ୟବସ୍ଥାକୁ ସହଜ କରିବା ଦ୍ୱାରା ନିରବଚ୍ଛିନ୍ନ ଟିକସଦାତା ସେବା ଦିଗରେ ଏହା ଆଉ ଏକ ବଡ଼ ପଦକ୍ଷେପ ଭାବେ ଉଭା ହୋଇଛି ।

## ଦିଲ୍ଲୀ-କୋର୍ଟ୍ କବିତା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇଥିବା ବି.ଆର୍.ଏସ୍. ନେତା କେ. କବିତାଙ୍କ ଅନ୍ତରୀଣ ଜାମିନ ଆବେଦନ ଉପରେ ଆଜି ଦିଲ୍ଲୀର ଏକ କୋର୍ଟ୍ ଏହି ରାୟ ସଂରକ୍ଷିତ ରଖିଛନ୍ତି। ସ୍ୱତନ୍ତ୍ର ସିବିଆଇ ବିଚାରପତି କାବେରୀ ବାୱେଜା ଆସନ୍ତା ସୋମବାର ଦିନ ଏହି ଶୁଣାଣି କରିବେ। କୋର୍ଟ୍ ମଦ ନୀତି ଦୁର୍ନୀତି ମାମଲାରେ କବିତାଙ୍କୁ ଆସନ୍ତା ୯ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

# ଏମ୍‌ଇଏ-ଇସ୍ରାଏଲ୍

ବୈଦେଶିକ ମନ୍ତ୍ରଣାଳୟ କହିଛି, **G2G** ଚୁକ୍ତି ଅନୁଯାୟୀ ପ୍ରଥମଦଫା ଶ୍ରମିକମାନେ ଆଜି ଇସ୍ରାଏଲ୍ ଯାଇଛନ୍ତି।  ନୂଆଦିଲ୍ଲୀରେ ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ  ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଇସ୍ରାଏଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛି। ଭାରତ ଇସ୍ରାଏଲ ସହ ସ୍ୱାକ୍ଷର କରିଥିବା ମୋବିଲିଟି ଚୁକ୍ତି ଅନୁଯାୟୀ ଏହି ଶ୍ରମିକମାନେ ଇସ୍ରାଏଲ ଯାଇଛନ୍ତି।

ଅରୁଣାଚଳ ପ୍ରଦେଶକୁ ଚୀନ୍ ଦାବି କରିବା ସମ୍ପର୍କରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଭାରତ-ବାଂଲାଦେଶ ସମ୍ପର୍କରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ରହିଛି। ତାଇୱାନ ଭୂମିକମ୍ପ ପରେ ନିଖୋଜ ଦୁଇ ଭାରତୀୟଙ୍କ ବିଷୟରେ ଶ୍ରୀ ଜୟସ୍ୱାଲ ସୂଚନା ଦେଇ କହିଛନ୍ତି, ସେମାନେ ଏବେ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କ ସହ ଯୋଗାଯୋଗ କରାଯାଇଛି।

# ଆଇପିଏଲ୍

ଆଇପିଏଲର୍ ମ୍ୟାଚ୍‌ରେ ଆଜି କିଛି ସମୟ ପରେ ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଏହି ମ୍ୟାଚ୍ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ । ପଞ୍ଜାବ୍‌କିଙ୍ଗସ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୧୦୬ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା । କୋଲକାତା ନାଇଟ୍ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୭୨ ରନ୍ କରିଥିବା ବେଳେ ଏହାର ଜବାବରେ ଦିଲ୍ଲୀ ୧୭ ଦଶମିକ ୨ ଓଭରରେ ୧୬୬ ରନ୍ କରି ଅଲଆଉଟ୍ ହୋଇଥିଲା ।